# ଅଧ୍ୟାୟ ୬

## ଭାଗ-୧

## ପାଠର ନାମ—ଏକ ଭ୍ରମଣ ବୃତ୍ତାନ୍ତ

ଗଠନକ୍ରମ


୬.୦ ଉଦ୍ଦେଶ୍ୟ

୬.୧ ଉପକ୍ରମ

୬.୨ ମୂଳପାଠର ପ୍ରଥମ ଅଂଶ

୬.୨.୧ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୬.୨.୨ ମୂଳପାଠର ପ୍ରଥମାଂଶରୁ ବ୍ୟାକରଣଗତ ପ୍ରଶ୍ନ

୬.୩ ମୂଳପାଠର ଦ୍ୱିତୀୟାଂଶ

୬.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୬.୩.୨ ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ

୬.୪ ମୂଳପାଠର ତୃତୀୟାଂଶ

୬.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୬.୪.୨ ମୂଳପାଠର ତୃତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ

୬.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୬.୫ ପାଠର ସାରାଂଶ

୬.୬ ଶବ୍ଦାର୍ଥ

୬.୭ ପଠନ ଅଭ୍ୟାସ

୬.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୬.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୬.୦ ଉଦ୍ଦେଶ୍ୟ

ଭ୍ରମଣ କଲେ ମନ ପ୍ରଫୁଲ୍ଲ ରହିବା ସଙ୍ଗେ ସଙ୍ଗେ ଜ୍ଞାନର ପରିସୀମା ବଢ଼େ । ପୁସ୍ତକ ପାଠ-ଲବ୍ଧ ଜ୍ଞାନଠାରୁ ଭ୍ରମଣଜନିତ ଜ୍ଞାନ ଅଧିକ ବାସ୍ତବ ଓ ଉପକାରୀ ହୋଇଥାଏ । ବିଭିନ୍ନ ସ୍ଥାନ ଭ୍ରମଣ କରିବା ଦ୍ୱାରା ସେହି ସେହି ସ୍ଥାନର ଭୌଗୋଳିକ, ସାମାଜିକ, ଅର୍ଥନୈତିକ, ରାଜନୈତିକ କଥା ନୈତିକ ପରିସ୍ଥିତି ସମ୍ପର୍କରେ ଆକଳନ କରିବା ସମ୍ଭବ ହୁଏ । ସେହି ଜ୍ଞାନକୁ ନିଜର ବ୍ୟକ୍ତିଗତ କ୍ଷେତ୍ରରେ ଉପ-ଯୋଗ କରି ନିଜର ଚେତନାର ବିକାଶ କରାଯାଇପାରେ । ସଂଗୃହୀତ କିଛି ଗଠନମୂଳକ ଉପାଦାନ ମଧ୍ୟ ଜାତି ତଥା ସମାଜ କ୍ଷେତ୍ରରେ ଉପଯୋଗ କରାଯାଇପାରେ । ମୋଟାମୋଟି ଭାବରେ ଏ କଥା କୁହାଯାଇପାରେ ଯେ ଭ୍ରମଣର ଭୂମିକା ଜୀବନର ବିକାଶକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ । ଚୀନ ଦେଶରେ ଗୋଟିଏ କଥା ଅଛି, କଥାଟି ହେଉଛି ଯେ ପାଞ୍ଚବର୍ଷ ବିଶ୍ୱବିଦ୍ୟାଳୟରେ ପଢ଼ିବା ଯାହା, ଏକ ବର୍ଷ ବାହାରେ ବୁଲିଆସିବା ତାହା । ସାହିତ୍ୟର ଅନ୍ୟାନ୍ୟ ବିଭାଗପରି ଭ୍ରମଣକାହାଣୀ ଏକ ବିଭାଗ । ଏହି ବିଭାଗଟି ପାଠକମାନଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ । ଭ୍ରମଣ ସାହିତ୍ୟ ପାଠକଲାବେଳେ ଭ୍ରମଣକାରୀର ଅନୁଭୂତି ସହିତ ପାଠକ କିଛି ସମୟ ପାଇଁ ଏକାତ୍ମ ହୋଇଯାଏ । ପାଠକ ଚିତ୍ତରେ ଆନନ୍ଦର ଉତ୍ତାଳ ତରଙ୍ଗମାଳା ସୃଷ୍ଟିହୁଏ । ଏକ ସମୟରେ ଭ୍ରମଣସାହିତ୍ୟ ଦିଏ ଆନନ୍ଦ ଓ ଶିକ୍ଷା । ଆମର ଆଲୋଚ୍ୟ ପାଠଟି ଗୋଲକବିହାରୀ ଧଳଙ୍କର ଆମେରିକା ଭ୍ରମଣଜନିତ ଏକ କାହାଣୀର ଅଂଶବିଶେଷ । ସରଳ-ଭାଷାରେ ଉପସ୍ଥାପିତ ଲେଖକଙ୍କର ଅନୁଭୂତି ଯେପରି ସୁଖପାଠ୍ୟ ସେହିପରି ଶିକ୍ଷଣୀୟ ମଧ୍ୟ ।

## ୬.୧ ଉପକ୍ରମ

ଭ୍ରମଣ ପିପାସା ଗୋଟିଏ ଜାତିର ପ୍ରଗତିର ପଥକୁ ପ୍ରଶସ୍ତ କରିଥାଏ । ଭ୍ରମଣସାହିତ୍ୟର ମଧ୍ୟ ଗୋଟିଏ ଜାତିର ବିକାଶ କ୍ଷେତ୍ରରେ ଅନବଦ୍ୟ ଅବଦାନ ରହିଛି । ଦେଶ ଦେଶ ଭିତରେ, ଜାତି

ଜାତି ଭିତରେ, ଜ୍ଞାନର ଆଦାନପ୍ରଦାନ ଘଟାଇଥାଏ ଭ୍ରମଣ ପିପାସା । ଭ୍ରମଣସାହିତ୍ୟ ମଧ୍ୟ କେତେ-କାଂଶରେ ମାନସିକ କ୍ଷେତ୍ରରେ ଏହି ଆଦାନପ୍ରଦାନ ଘଟାଇଥାଏ । ଭ୍ରମଣସାହିତ୍ୟର ଆକର୍ଷଣ ପାଠକ ପାଖରେ ସ୍ୱତନ୍ତ୍ର ଓ ଅଭିନବ । ଆମର ଗୃହୀତ ପାଠଟି ଅଧ୍ୟାପକ ଗୋଲକବିହାରୀ ଧଳଙ୍କ ଦ୍ୱାରା ଲିଖିତ 'ଆମେରିକା ଅନୁଭୂତି' ପୁସ୍ତକର ଅଂଶବିଶେଷ । ଆମେରିକା ଭ୍ରମଣ କରି ତାଙ୍କର ଯେଉଁ ଅନୁଭୂତି ହୋଇଥିଲା, ସରଳଭାଷାରେ ସେ ତାକୁ ଏହି ପୁସ୍ତକରେ ଉପସ୍ଥାପନା କରିଛନ୍ତି । ଆମେରିକାର ସହର-ମାନଙ୍କର ଚିତ୍ର, ବଡ଼ ବଡ଼ କୋଠାବାଡ଼ିର ଚିତ୍ର, ନିଉୟର୍କର ରାସ୍ତାଘାଟ, ହଡସନ ନଦୀର ଚିତ୍ର ଆମର ସଂଗୃହୀତ ଅଂଶବିଶେଷରେ ରହିଛି । କେତେକ ଦୃଶ୍ୟ ଲେଖକଙ୍କୁ ଭାବବିଭୋର କରିଛି । ହୃଦୟରେ ଆନନ୍ଦ, ବିସ୍ମୟଜନିତ ଆବେଗ ସୃଷ୍ଟି ହୋଇଛି । ଲେଖକଙ୍କ ଅନୁଭୂତିର ସାର୍ଥକ ସୁନ୍ଦର ଚିତ୍ର ତାଙ୍କ ପୁସ୍ତକରେ ଦେଖିବାକୁ ମିଳେ । ଆମର ଆଲୋଚ୍ୟ ଅଂଶଟିରେ ମଧ୍ୟ ଏହି ଚିତ୍ର ସୁଲଭ ।

ଅଧ୍ୟାପକ ଗୋଲକବିହାରୀ ଧଳ ନିଉୟର୍କ ସହରର ସ୍ପଷ୍ଟଚିତ୍ର ଆଲୋଚ୍ୟ ଅଂଶଟିରେ ପ୍ରଦାନ କରିଛନ୍ତି । ନିଉୟର୍କର କୋଠାବାଡ଼ିର ଉଚ୍ଚତାର ପ୍ରଶଂସା କରିଛନ୍ତି । କୋଠାସବୁ ବଉଦର ଛାତିଫୁଟେଇ ଆକାଶକୁ ସ୍ପର୍ଶ କରିଥାନ୍ତି ବୋଲି ସେ ମତ ଦେଇଛନ୍ତି । ରାତିରେ ନିଉୟର୍କର ଦୃଶ୍ୟ ଅତ୍ୟନ୍ତ ମନୋରମ ବୋଲି ସେ କହିଛନ୍ତି । ଚାରିଆଡେ଼ ଆଲୋକର ମହୋତ୍ସବ, ରାତି ସେଠାରେ ଦିନପରି ଦିଶେ । ଆମେ-ରିକାରେ ସୌନ୍ଦର୍ଯ୍ୟ ଅଛି, ସେହି ସୌନ୍ଦର୍ଯ୍ୟ ଦର୍ଶନରେ ମନରେ ପ୍ରଶସ୍ତ ଭାବ ଆସେ ବୋଲି ଲେଖକ ମତ ଦେଇଛନ୍ତି । ହୃଦୟର ଭାବକୁ ଓ ଅନୁଭୂତିକୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ଉପସ୍ଥାପନା କରିବା ଦିଗରେ ଲେଖକଙ୍କର ଦକ୍ଷତା ଯେପରି ଆକର୍ଷଣୀୟ ସେପରି ଅନୁଭବ୍ୟ ।

ଅଧ୍ୟାପକ ଧଳ ଓଡ଼ିଆ ସାହିତ୍ୟରେ ଜଣେ ସୁପରିଚିତ ସ୍ରଷ୍ଟା । ଭ୍ରମଣକାହାଣୀ, ଜୀବନୀ, ଶିଶୁସାହିତ୍ୟ ତଥା ଭାଷାତତ୍ତ୍ୱ କ୍ଷେତ୍ରରେ ସେ ଲେଖନୀ ଚାଳନାକରି ଅସାମାନ୍ୟ ପ୍ରତିଷ୍ଠାର ଅଧିକାରୀ ହୋଇଛନ୍ତି । ଅନୁବାଦ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀରୁ ଥରେ ଓ ଶିଶୁ ସାହିତ୍ୟ ପାଇଁ ଓଡ଼ିଶା ସରକାରଙ୍କଠାରୁ ଦୁଇଥର ସେ ପୁରସ୍କାର ଲାଭ କରିଥିଲେ । ଅମର ମଣିଷ, ଅମର ଯାତ୍ରୀ ହେଉଛି ତାଙ୍କ ଲିଖିତ ଜୀବନୀ ପୁସ୍ତକ । ଧ୍ୱନିବିଜ୍ଞାନ, ଓଡ଼ିଆ କେବେ, ଇଂରାଜୀ ଉଚ୍ଚାରଣ ଶିକ୍ଷା, ଆର୍ଟିରେସନ ଇନ୍ ଓଡ଼ିଆ ତାଙ୍କର ଭାଷାତତ୍ତ୍ୱ ସମ୍ପର୍କୀୟ କେତେକ ଉଲ୍ଲେଖଯୋଗ୍ୟ ପୁସ୍ତକ । 'ଲଣ୍ଡନ ଚିଠି', 'ତାଜ-ମହଲର ଦେଶେ', 'ଗଙ୍ଗାରୁ ଗୋଦାବରୀ', 'ବିଦେଶଯାତ୍ରୀ' ଓ 'ଆମେରିକା ଅନୁଭୂତି' ପ୍ରଭୃତି ଭ୍ରମଣ କାହାଣୀରେ ଗଭୀର ସୂକ୍ଷ୍ମ ଅନୁଭୂତିର କଳାମଞ୍ଜୁଳ ଉପସ୍ଥାପନା ଦେଖିବାକୁ ମିଳେ । ଅଧ୍ୟାପକ ଶ୍ରୀଯୁକ୍ତ ଧଳଙ୍କ ଭ୍ରମଣସାହିତ୍ୟ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ହେଲେ ତାଙ୍କର ଲଣ୍ଡନ ଚିଠି, ତାଜମହଲର ଦେଶେ, ବିଦେଶଯାତ୍ରୀ, ଗଙ୍ଗାରୁ ଗୋଦାବରୀ ଆଦି ପୁସ୍ତକ ପଢ଼ିବା ଆବଶ୍ୟକ ।

## ୭.୨ ମୂଳପାଠର ପ୍ରଥମାଂଶ

ସାନବଡ଼ କେତେଗୁଡ଼ିଏ ଆମେରିକାନ୍ ସହର ବଜାର ଦେଖିବାର ସୁଯୋଗ ପାଇଥିଲି । ଇଂରେଜ ଅମଳରେ ଆମେ ବେଶି ଲଣ୍ଡନ କଥା ଶୁଣିଥିଲୁ । ତେଣୁ ଭୂଗୋଳ କ୍ଲାସ ଛଡ଼ା ଅନ୍ୟତ୍ର ନିଉ-ୟର୍କ ସହର କଥା ମନରେ ପଡ଼ୁ ନଥିଲା । ଲଣ୍ଡନରେ ଆମେରିକାନ୍ ଜିନିଷଟାଏ ପିନ୍ଧି ବାହାରିପଡ଼ିଲେ ସାଇବ ସାଇବାଣୀ କାତର ହୋଇ ଅନାଇ ରହନ୍ତି । ଲଣ୍ଡନରେ କାହିଁକି, ସାରା ଇଉରୋପରେ ଖାଲି ଆମେରିକା କଥା ଓ ନିଉୟର୍କ ସହରର ସ୍ତୁତିଗାନ ଚାଲିଛି । ନିଉୟର୍କ ଦେଖିବା ପାଇଁ ସାଇବଙ୍କ ମନ ବି ତହଳବିକଳ ।

ଆମେରିକାରେ ପହଞ୍ଚି ଉଡ଼ାଜାହାଜ ଘାଟିରୁ କ୍ୟାମ୍ପ ଅଭିମୁଖରେ ଗଲାବେଳେ ନିଉୟର୍କର ଗୋଟିଏ ଗଳିରେ ପଶି ଚାଲିଯାଇଥିଲୁ । ଚଳନ୍ତା ମଟର ଝରକାରୁ ଯାହାକିଛି ଦେଖିଥିଲି, ସେ କିଛି ନୁହେଁ । କିଛି ନୂଆ ଲାଗିଲା ନାହିଁ । ନିଉୟର୍କ ସହରର ମାହାତ୍ମ୍ୟ ବୁଝିବା ପାଇଁ ପୁଣି ସେଠାକୁ ଫେରି ଆସିବାକୁ ପଡ଼ିଲା । ଗାଁ ରହଣି ସରିଗଲା । ବନ୍ଧୁ ଓ ବନ୍ଧୁ ପତ୍ନୀ ରେଳଷ୍ଟେସନକୁ ଛାଡ଼ିଆସିଲେ । ଆମେରିକାରେ ଏହି ମୋର ପ୍ରଥମ ଓ ଶେଷ ରେଳଚଢ଼ା । ଟିକଟ କାଟି ଗାଡ଼ି ଭିତରକୁ ଯେତେବେଳେ ଉଠିଲି, ଦେଖିଲି ସବୁ ଚୁପ୍‌ଚାପ୍, ଛୁଞ୍ଚି ପଡ଼ିଲେ ବି ଶୁଭିବ । ଖବରକାଗଜ ଲେଉଟାଇବାରେ ଫଡ ଫଡ ଯାହା ଶୁଭୁଥାଏ । ପଚାଶହାତ ଲମ୍ବା ଡବା । ଉଡ଼ାଜାହାଜରେ ଯେମିତି ପାଞ୍ଚ ଧାଡ଼ି ଚଉକି ପଡ଼ିଥାଏ ଠିକ ସେମିତି । ଜଣକା ଗୋଟିଏ ଲେଖାଏ ଚଉକି । ତେଣୁ ତାଳଚେର ପାସେଞ୍ଜର କିମ୍ବା ମାନ୍ଦ୍ରାଜ ଡାକଗାଡ଼ିରେ ଯେଉଁ ପେଲା-ପେଲି ପାଟିତୁଣ୍ଡ, ସେଥିରୁ ଏତେ ଟିକିଏ ବି ନଥିଲା । ଖାଲି ସମସ୍ତଙ୍କ ହାତରେ ଖବରକାଗଜ । ଗାଡ଼ି ଭିତର ଯେମିତି ଚକ୍‌ଚକ୍ ଉପର ସେମିତି ରୂପେଲି । ଖରାରେ ରୂପା ତୀର ପରି ଗାଡ଼ିଟା ଛୁଟେ । ଚାଲୁଛି କି ନାହିଁ ଜଣାପଡ଼େନି । ସେଇଟା ଆମେରିକା ଗାଡ଼ିର ବିଶେଷତ୍ୱ । ସଡ଼କୁ ସଡ଼ ଅନେକ ନଜାଣିବା

ଗୋଟିଏ ଷ୍ଟେସନରେ ଗାଡ଼ି ଲାଗିଲା । ସୁଟକେସ ଦୁଇଟି କାନ୍ଧରେ ଧରି ବାହାରିଲି । ଆକାଶରେ ବୃଷ୍ଟି ଓ ବାଦଲ ଲାଗି ରହିଥାଏ । ସତେଯେମିତି ଲଣ୍ଡନ । ମାତ୍ର ଲଣ୍ଡନରୁ ନିଉୟର୍କ ଯେ ଅନେକ ତଫାତ, ସେଟା ଜାଣିବା ପାଇଁ ବେଶି ସମୟ ଲାଗେ ନାହିଁ । ଷ୍ଟେସନ ଭିତରୁ ବାହାରିଲା ମାତ୍ରେ ପ୍ରଶସ୍ତ ରାସ୍ତା ଉପରେ ହଜାର ହଜାର ଭଦ୍ରାମଟର ଦେଖିବାକୁ ମିଳେ । ଗାଡ଼ିରେ ଉଠି ଗୋଟିଏ କ୍ଲବରେ ପହଞ୍ଚିଲି ରହିବା ପାଇଁ । ବିଶେଷ କିଛି ନୂଆ ଲାଗିଲା ନାହିଁ । ସବୁ ଖାଲି ବିରାଟ ମନେ ହେଲା । ଏତେ ପ୍ରକାରର ଏତେ ଖବରକାଗଜ ତିନିବେଳା ଆସି ଗଦାହୁଏ, ଯେ କ୍ଲବର ଯେତେ ମେମ୍ବର ପ୍ରାୟ ସମସ୍ତେ ଚାରିପାଞ୍ଚଟା କାଗଜ ନିଜ ନିଜ କୋଠରିକୁ ନେଇ ପଢ଼ନ୍ତି । ହୋଟେଲ ବାସିନ୍ଦାମାନଙ୍କୁ ଏତେ ଖବରକାଗଜ ଯୋଗାଇ-ବାର ମୁଁ କେଉଁଠି ଦେଖିନାହିଁ । ସେହି ତୁଳନାରେ ସବୁ ଜିନିଷ ଅନୁମାନ କରିବେ ।

### ୬.୨.୧ ମୂଳପାଠର ପ୍ରଥମାଂଶର ପ୍ରଶ୍ନ

(କ) ଆମେରିକାର ଗାଡ଼ି ଭିତରର ଚିତ୍ର ପ୍ରଦାନ କର ।

(ଖ) ଆମେରିକା ଗାଡ଼ିର ବିଶେଷତ୍ୱ କ'ଣ ?

### ୬.୨.୨ ମୂଳପାଠର ପ୍ରଥମାଂଶରୁ ବ୍ୟାକରଣଗତ ପ୍ରଶ୍ନ

(କ) କେଉଁ କେଉଁ ଉପସର୍ଗ ନିମ୍ନୋକ୍ତ ପଦରେ ବ୍ୟବହୃତ ହୋଇଛି, ଦର୍ଶାଅ—
ଅଭିମୁଖ, ଅନୁମାନ, ବିଶେଷ

(ଖ) ବିପରୀତାର୍ଥ ବୋଧକ ଶବ୍ଦ ଲେଖନ୍ତୁ—
ପ୍ରଥମ, ସତ୍ୟ, ନୂଆ, ସୁଯୋଗ, ସ୍ଥାନ

(ଗ) କେଉଁ ପ୍ରତ୍ୟୟ ନିମ୍ନୋକ୍ତ ପଦରେ ଅଛି, ଲେଖନ୍ତୁ—
ଦାନ, ବିଶେଷତ୍ୱ, ଚଳନ୍ତା

(ଘ) ନିମ୍ନୋକ୍ତ ପଦରେ କେଉଁ ସମାସ ରହିଛି, ଲେଖନ୍ତୁ—
ରେଳଚଢ଼ା, ବନ୍ଧୁପତ୍ନୀ

## ୬.୩ ମୂଳପାଠର ଦ୍ୱିତୀୟାଂଶ

ଆମେରିକାନ୍ ସହରମାନଙ୍କର ଅବସ୍ଥିତି ଚେସ୍‌ବୋର୍ଡ ପରି ଧାଡ଼ି ଧାଡ଼ି ହୋଇ ସମାନ୍ତର ଭାବରେ ଗଳିସବୁ ଯାଇଛି । ଲଣ୍ଡନ ଅପେକ୍ଷା ନିଉୟର୍କରେ ଗୋଟିଏ ଗଳି ଖୋଜି ପାଇବା ସହଜ । ସେଠି ଲଣ୍ଡନର ବାରବାଙ୍କ ନାହିଁ । ଲଣ୍ଡନ ଗୋଟିଏ କ୍ରମସମୃଦ୍ଧ ସହର । ଆସ୍ତେ ଆସ୍ତେ ବଢ଼ିଛି ବୋଲି ଏଣେତେଣେ ପକ୍ଷ ମେଲାଇ ଠିଆ ହୋଇଛି । ମାତ୍ର ନିଉୟର୍କ ପ୍ରଭୃତି ସହର ଆଧୁନିକ ପ୍ଲାନ ଅନୁସାରେ ଗଢ଼ା ହୋଇଛି । ଏହି କାରଣରୁ ଅନେକ ଆମେରିକାନ ସହର ଏକାପରି ଲାଗେ । କୋଠାବାଡ଼ି ତିଆରି ପ୍ଲାନ ପୃଥିବୀର ଯେକୌଣସି ଦେଶଠାରୁ ଭିନ୍ନ । ନଭସ୍ପର୍ଶୀ କୋଠା ବୋଲି ଲୋକେ ଯାହା କହନ୍ତି, ତା ପ୍ରକୃତରେ ଆମେରିକାରେ ଦେଖାଯାଏ । ସେଇ ଦେଶରେ କୋଠାବାଡ଼ି ବଉଦର ଛାତି ଫୁଟେଇ ଆକାଶକୁ ଲାଗିଥାନ୍ତି । ବେଳେବେଳେ ମେଘସବୁ କଟି ଦେଶରେ ଲାଗି ରହିଥାନ୍ତି, ଉପର ମହଲା ମେଘ ଉପରେ ରହିଯାଇଥାଏ । ଏମ୍ପାୟାର ଷ୍ଟେଟ ବିଲଡିଂ ଏହି ପ୍ରକାର କୋଠାମାନଙ୍କ ଭିତରୁ ଗୋଟିଏ । ତା 'ଶହେ ଦୁଇ ମହଲା' ବାରଶହ କେତେଫୁଟ ଉଚ୍ଚ । ରକ୍‌ଫେଲର ସେଣ୍ଟର ମଧ୍ୟ ଏହିଭଳି ଗୋଟିଏ ଜଣାଶୁଣା କୋଠା । ପୃଥିବୀର ଅର୍ଥକେନ୍ଦ୍ର ନିଉୟର୍କର ଓ୍ୱାଲଷ୍ଟ୍ରିଟ ଏହିପରି ଅଶୀ-ନବେ ମହଲା କୋଠାରେ ପରିପୂର୍ଣ୍ଣ । ଯାହା କହନ୍ତି ଚନ୍ଦ୍ର-ସୂର୍ଯ୍ୟ ଛାଇ ପଡ଼ୁନି । ସେଇ ଛାଇତଳେ କୋଟି କୋଟି ଡଲାର ଛତୁ ଫୁଟୁଛି । ହଡସନ୍ ନଦୀକୂଳରେ ଇଉନାଇଟେଡ଼ ନେସନ୍‌ସ କୋଠା ଦେଖିବାର ଜିନିଷ । ଦୂରରୁ ଦେଖିଲେ ଗୋଟିଏ ବ୍ଲାକବୋର୍ଡ ପରି ଦେଖାଯାଏ । ଚାଳିଶ ମହଲା ମାତ୍ର । କିନ୍ତୁ ପୃଥିବୀର ବିଶେଷ ମୂଲ୍ୟବାନ କୋଠାମାନଙ୍କ ଭିତରେ ଅନ୍ୟତମ । ଉପରଟା ଖାଲି କାଚ, ଭିତରଟା ଖାଲି ଲୁହା । ସୂର୍ଯ୍ୟ-କିରଣ ପଡ଼ି ଜଳୁଛି । କୋଠାଟାକୁ ଦେଖିଦେଲେ ମିଳିତ ଜାତିସଂଘ କି ବିରାଟ ବ୍ୟାପାର, ତାର ଗୋଟାଏ ଧାରଣା କରିହୁଏ । ସେହି କୋଠା ଉପରୁ ହଡସନ୍ ନଦୀର ଧୀର ମନ୍ଥର ଗତି ବିଶାଳ ବକ୍ଷ ଓ ଅନନ୍ତ ଆକାଶର ଉଦାର ନୀଳିମା ଦେଖି କ୍ଷଣକ ପାଇଁ ମଣିଷମନ, ବିଶ୍ୱଭାବରେ ବୁଡ଼ିଯାଏ । ମଣିଷ ତାର ଦୈନନ୍ଦିନ ଜୀବନର କ୍ଷୁଦ୍ରତା ହରାଇ ଆତ୍ମପ୍ରସାଦ ଅନୁଭବ କରେ । କିନ୍ତୁ ନିଉୟର୍କ ସହରରେ ପଶିଲେ ମେସିନ୍ ସଭ୍ୟତାର କୁହୁକରେ ମନ ପୁଣି ବଦଳି ଯାଏ । ଆମେରିକାର ଏଇ ବିରାଟ କୋଠାଗୁଡ଼ିକର ଉପରକୁ ଉଠିବାକୁ ଲିଫଟ୍ ଦରକାର ହୁଏ । ମିଳିତ ଜାତିସଙ୍ଘ କୋଠାରେ ଏମିତି ଯୋଗାଡ଼ ଅଛି ଯେ ଦରକାର ପଡ଼ିଲେ ପାଞ୍ଚଘର ଭାଙ୍ଗି ଗୋଟିଏ ବଡ଼ ହଲ କରାଯାଇ ପାରେ କିମ୍ବା ଗୋଟିଏ ହଲ ଭାଙ୍ଗି

ପଦରଟା ବଖରା ସୃଷ୍ଟି କରି ଦିଆଯାଇପାରେ । ଆମେରିକାରେ ଏବେ ଉଠାଘରର ପ୍ରଚଳନ ହେଲାଣି । ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ସ୍ଥାନ ପରିବର୍ତ୍ତନ କରିବାକୁ ହେଲେ ଆଜିଯୁଗରେ ଆଉ ତମ୍ବୁ-ଟାଣି ରହିବାର ଆବଶ୍ୟକତା ନାହିଁ । ନିଜର ସୁନ୍ଦର ଘରଟାକୁ ଭାଙ୍ଗି ଦେଇ ଟ୍ରକରେ ଲଦିଦେଇ ଅନ୍ୟ ସ୍ଥାନରେ ଠିକ ସେମିତି ଠିଆ କରି ଦେଇହେବ । ସୁଖ ସୁବିଧା ଦୃଷ୍ଟିରୁ ଏହି ଉଠାଘର ସ୍ଥାୟୀ ଘରଠାରୁ କୌଣସି ଗୁଣରେ କମ୍ ନୁହେଁ । ଏମିତି କେତେକ ଘର ଦେଖିବାର ସୁଯୋଗ ପାଇଥିଲି, ଦୂରରୁ ଦେଖିଲେ ଆମେରିକା କୋଠା ଖମ୍ବପରି ଉପରକୁ ଉଠିଛି ।

**୬.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ—**

(କ) ଅନେକ ଆମେରିକାନ୍ ସହର ଏକାପରି ଲାଗେ କାହିଁକି ?
(ଖ) ଇଉନାଇଟେଡ ନେସନସର କୋଠା ଘରର ଚିତ୍ର କିପରି ଦିଆଯାଇଛି ?

**୬.୩.୨ ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ—**

(କ) ନିମ୍ନଲିଖିତ ପଦମାନଙ୍କରେ ଥିବା ସମାସର ନାମ ଲେଖନ୍ତୁ—
ବିଶ୍ୱଭବ, କୋଠାବାଡ଼ି, ନଭସ୍ପୃଶୀ, ଅନନ୍ତ ।

(ଖ) କେଉଁ କେଉଁ ଉପସର୍ଗ ବ୍ୟବହୃତ ହୋଇଛି, ଲେଖନ୍ତୁ—
ସୁଯୋଗ, ଅନୁଭବ, ପ୍ରଚଳନ, ପରିବର୍ତ୍ତନ ।

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଏକାର୍ଥବୋଧକ ଶବ୍ଦ ଲେଖନ୍ତୁ—
ଆକାଶ, ନଦୀ, ସୂର୍ଯ୍ୟ, ଚନ୍ଦ୍ର

(ଘ) ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—
ବିରାଟ, ଅନନ୍ତ, ମୂଲ୍ୟବାନ, ସ୍ଥାୟୀ

## ୬.୪ ମୂଳପାଠର ତୃତୀୟାଂଶ

ଲଣ୍ଡନ ରାସ୍ତାଘାଟ ଖୁବ୍ ପରିଷ୍କାର, ପରିଚ୍ଛନ୍ନ, ସୁରକ୍ଷିତ । କିନ୍ତୁ ନିଉୟର୍କର ରାସ୍ତା ଏତେ ସଫାସୁତରା ନୁହେଁ । କେତେକ ରାସ୍ତା ମଇଳା କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମେରିକାରେ ପ୍ରଚାର ପ୍ରଣାଳୀ ବଡ଼ ଉନ୍ନତ । ସିଗାରେଟଟାଏ ପ୍ରଚାର କରିବାକୁ ହେଲେ ତାଳଗଛଟାକର ସିଗାରେଟ ଆକାଶରେ ଝୁଲାଇ ଦିଅନ୍ତି । କିନ୍ତୁ ରାସ୍ତାଘାଟର ନାଁ ଲେଖା ପୋଷ୍ଟର ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ—ସେମାନେ କାହିଁକି ଏତେ କୃପଣ । ନିଉୟର୍କ ରାସ୍ତାରେ ବାଇଗଣ ମଞ୍ଜି ପରି ଯେଉଁ ଅକ୍ଷର ଲେଖା ହୋଇଥାଏ, ଚଳନ୍ତା ଗାଡ଼ିରୁ ତାକୁ ପଢ଼ିବା କଠିନ ହୁଏ, ଆଖି ଫାଟିପଡ଼େ । ଆମର ରାସ୍ତା ଭିତରେ ଦୁଇକଡ଼ରେ ତାଳତାଟି ଦୋକାନ ଥାଏ, ମାତ୍ର ତାଙ୍କର ରାସ୍ତା ମଝିରେ ପାର୍କ ଥାଏ । ଦୁଇ ପାଖରେ ଯାନବାହାନ ଯାଉଥାନ୍ତି । ଏହା ଫ୍ରାନସର ପ୍ୟାରିସ୍ ଷ୍ଟାଇଲ କହିଲେ ଚଳେ । ନିଉୟର୍କ ରାସ୍ତାରେ କେଉଁଠି କେମିତି କେତେଟା ଛୋଟ ଛୋଟ ଫୁଲଗଛ, ଲୁହାର ଚଉକି ବେଞ୍ଚରେ ବସି ଲୋକେ ଆରାମ କରୁଥାନ୍ତି । କିନ୍ତୁ ପ୍ୟାରିସର ରାସ୍ତା ମଝିରେ ବଡ ବଡ ଗଛ, ଗ୍ରୀଷ୍ମକାଳରେ ପତ୍ରପୁଷ୍ପରେ ଲୋଟି ପଡ଼ୁ-ଥାଏ । ଶୀତଳ ଛାଇ, ସୁଗନ୍ଧ, ସୁପୁଷ୍ପ, ରମ୍ୟ । ଦିନରେ ଦେଖିଲେ ନଗରୀରାଣୀ ପ୍ୟାରିସ ସାଙ୍ଗରେ ଲଣ୍ଡନ ବା ନିଉୟର୍କ ସମାନ ନୁହେଁ, ମାତ୍ର ରାତ୍ରିରେ ଦେଖିଲେ ନିଉୟର୍କ ତୁଳନାରେ ଏମାନେ ଦୀନ-ହୀନ ମଳିନ । ଇଉରୋପ ଓ ଆମେରିକାରେ ଯେଉଁ କେତେକ ସହର ଦେଖିବାର ସୁଯୋଗ ପାଇଛି, ସେମାନଙ୍କ ଭିତରୁ ଗୋଟିଏ ହେଲେ ରାତ୍ରିର ନିଉୟର୍କ ସହିତ ସମାନ ନୁହନ୍ତି । ଆମ ଦେଶରେ କହନ୍ତି କଲିକତାରେ ଦିନରାତି ସମାନ । କଥାଟା ମିଛ : ସତଟା ବୁଝିବା ପାଇଁ ନିଉୟର୍କ ଦେଖିବା ଦରକାର ହେବ । ରାତିକୁ ଦିନ କରିବା ପାଇଁ ଯେତେ ଇଲେକ୍ଟ୍ରି ଶକ୍ତି ଦରକାର, ଆମେରିକା ଛଡ଼ା ତା' ଆଉ କେଉଁ ଦେଶରେ ଅଛି ? ରାସ୍ତାଘାଟ ଆଲୋକର ଉତ୍ସପରି ଦେଖାଯାଏ । ଖୁବ୍ ଉଚ୍ଚକୋଠାର ଶେଷ ମହଲାର ଆଲୁଅ ସବୁ ସରଗତାରା ପରି ଦେଖାଯାନ୍ତି ।

ରାତ୍ରିରେ ହଡସନ୍ ନଦୀ ଧାରରେ ବସି ନଦୀ ଆରପାର ଦୃଶ୍ୟ ଦେଖିବାର କଥା । ଏମିତି ମହାନ, ଉଦାର ଦୃଶ୍ୟ କମ୍ ଦେଖାଯାଏ । ନଦୀ ସେପାରିର ଘନନୀଳ ପାହାଡ଼ ଭିତରେ ଲକ୍ଷେ କୋଠରିରେ କୋଟିଆଲୋକ ଫୁଟିପଡ଼େ । ଆକାଶ ପୃଥିବୀ ମିଶିଗଲା ପରି ଦେଖାଯାଏ । ନଦୀର ଏଧାରରେ ଧାଡ଼ିଧରି ଲକ୍ଷଲକ୍ଷ ଗାଡ଼ି ଜୁଳୁଜୁଳିଆ ପୋକପରି ଛୁଟିଥାନ୍ତି । ନିଉୟର୍କ ସହରର ରାତିଦୃଶ୍ୟ ବାସ୍ତବରେ ଭୁଲିବାର ନୁହେଁ, ଯେତିକି ବିରାଟ, ସେତିକି ବିଚିତ୍ର ।

ନିଉୟର୍କ ସହରର ବିଶିଷ୍ଟ ଅଂଶ 'ମାନହାଟନ୍' ଦ୍ୱୀପ ଉପରେ ଅବସ୍ଥିତ । ଏକ ପାଖରେ

ଇଷ୍ଟନଦୀ ଓ ଅନ୍ୟପାଖରେ ହଡସନ୍ ନଦୀ । ବିରାଟ ଲୁହା ପୋଲଦ୍ୱାରା ଏହି ଦ୍ୱୀପ ବାହାର ପୃଥିବୀ ସଙ୍ଗେ ଯୋଡ଼ା ହୋଇଛି । ଏହି ଦ୍ୱୀପ ଚାରିପାଖ ଜାହାଜରେ ଥରେ ବୁଲି ଆସିବାକୁ ପଇଁତିରିଶ ମାଇଲ ଓ ତିନି ଘଣ୍ଟା ସମୟ ଲାଗେ । ଚାଲିଲାବେଳେ କୂଳସ୍ଥ ନଭସ୍ପର୍ଶୀ ହଜାର ହଜାର କୋଠା ସ୍ୱପ୍ନପରି ଆଖି ଆଗକୁ ଆସି ଉଭେଇ ଯାଆନ୍ତି । ଡାକବାକିଯନ୍ତ୍ର ସାହାଯ୍ୟରେ ବିଭିନ୍ନ ସ୍ଥାନର ଇତିହାସ ବୁଝାଇ ଦିଆଯାଏ । ନଦୀ ଭିତରେ ଛୋଟ ଛୋଟ ଦ୍ୱୀପମାନଙ୍କରେ ସୁନ୍ଦର ଡାକ୍ତରଖାନା, ଦୂତନିବାସ, ଅଫିସ ଓ କଳକାରଖାନା ପ୍ରଭୃତି ଦେଖିବାକୁ ମିଳେ । ଯା ପୃଥିବୀରେ ଅନ୍ୟତ୍ର ବିରଳ । ନିଉୟର୍କରେ କାମ କରୁଥିବା ବଡ ଲୋକମାନଙ୍କର ଛୋଟ ଛୋଟ ଜଣକିଆ ଉଡ଼ାଜାହାଜ ଅଛି । ସେମାନେ ତହିଁରେ ମଫସଲରୁ ଉଡ଼ିଆସି ନିଉୟର୍କ ସହର ନିକଟରେ ହଡସନ୍ ନଦୀରେ ପାଣିକୁଆପରି ପଡନ୍ତି । କଚେରୀ ସରିଲେ ପୁଣି ସେହି ଜାହାଜ ଧରି ନିଜ ସ୍ଥାନକୁ ଫେରିଯାନ୍ତି । ନିଉୟର୍କ ସହରରେ ଦୋକାନବଜାର ନିକଟରେ ପ୍ରାଇଭେଟ ଗାଡ଼ି ଥୋଇବା ଏକ ସମସ୍ୟା ବୋଲି ଲୋକେ ସହର ଭିତରେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ନିଜଗାଡ଼ିରେ ନଯାଇ ସର୍ବସାଧାରଣ ବସ୍‌ରେ ବା ଉତାମଟରରେ ଯାଇଥାନ୍ତି ।

ମଫସଲରେ ଥିବାବେଳେ କୌଣସି ଭାରତୀୟଙ୍କୁ ଭେଟିନଥାଏ । ମନଟା ଉଚ୍ଛନ୍ନ ହୋଇଥାଏ ଭାରତୀୟ କେହି ବନ୍ଧୁଙ୍କୁ ଭେଟିବା ପାଇଁ । ଦିନେ ଘଡି ବାରଟାବେଳେ ମୁଁ ଗୋଟାଏ ଷ୍ଟ୍ରିଟରେ ଏକା ବୁଲୁଥାଏ । ନିଉୟର୍କ ସହରର ବିଶାଳତାରେ ନିଜର କ୍ଷୁଦ୍ରତା ଉପଲବ୍‌ଧି କରୁଥାଏ । ହଠାତ୍ ଦେଖିଲି ଜଣେ କଳାଲୋକ ସେହି ରାସ୍ତାରେ ଯାଉଛନ୍ତି । ତାଙ୍କ ପିଛା ଧରିଲି । ତାଙ୍କ ନିକଟରେ ପହଞ୍ଚି ପଛରୁ କୋର୍ଟଟା ଟାଣିଦେଲି । କିଏ ବୋଲି ସେ ଅବାକ୍ ହୋଇ ବୁଲିପଡ଼ିଲେ । ମୁଁ ଭାରତୀୟ ବୋଲି ପରିଚୟ ଦେବାରୁ ସେ ଆଶ୍ୱସ୍ତ ହେଲେ । ସତେ ଯେମିତି ଗାଁ ଲୋକ ଭେଟିଲି ମନେହେଲା ।

ଦିନ ଚାଲିଗଲା, ସୁଖ ସରିଗଲା । ଏଥର ଘରକୁ ଫେରିଯିବାକୁ ହେବ । ମା'ର ଡାକ ମାଟିର ଡାକ କାନରେ ବାଜିଲାଣି । ଯାହା ହେଲେବି ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ । ଖାଲି ମନେ-ହୁଏ, ଆମେରିକାନ୍‌ମାନେ ନିଜ ଦେଶଟାକୁ କ'ଣ କରି ପକାଇଛନ୍ତି । ଅନ୍ୟକୁ ଆପଣାର କରିବାକୁ କି କୁହୁକ ଶିଖିଛନ୍ତି ଯେ ମଣିଷ ନିଜ ମାଟିକୁ ଫେରିଗଲାବେଳକୁ ପଛକୁ ଅନାଏ । ଫେରିବା ଦିନ ସକାଳେ ନିଉୟର୍କ ସହରରେ ଥିବା ଉଡାଜାହାଜ ଅଫିସରେ ନମସ୍ତେ ରୁଣ୍ଡହେଲୁ ।

### ୬.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅନ୍ତୁ—

(କ) ଲୋକେ ସହର ଭିତରେ କାହିଁକି ସର୍ବସାଧାରଣ ବସ୍‌ରେ ବା ଉତାମଟରରେ ଯାଇଥାନ୍ତି ?

(ଖ) ଗଡିରେ ହଡସନ୍ ନଦୀ ଆରପାରର ଦୃଶ୍ୟ ନିଜ ଭାଷାରେ ବର୍ଣ୍ଣନା କରନ୍ତୁ ।

(ଗ) ଗତିରେ ନିଉୟର୍କର ଶୋଭା ନିଜ ଭାଷାରେ ଲେଖନ୍ତୁ ।

### ୬.୪.୨ ମୂଳପାଠର ତୃତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ

(କ) ନିମ୍ନୋକ୍ତ ପଦରେ କେଉଁ କେଉଁ ସମାସ ରହିଛି ଲେଖନ୍ତୁ—
ପତ୍ରପୁଷ୍ପ, ସରଗଡାଳ, ନୀଳପାହାଡ ।

(ଖ) କେଉଁ କେଉଁ ପ୍ରତ୍ୟୟ ନିମ୍ନଲିଖିତ ପଦରେ ରହିଛି ଲେଖନ୍ତୁ—
ବିଶାଳତା, ଦୃଶ୍ୟ ।

(ଗ) ସନ୍ଧିବିଚ୍ଛେଦ କରନ୍ତୁ—
ସ୍ୱର୍ଗାଦପି, ଉଚ୍ଛନ୍ନ

(ଘ) ନିମ୍ନଲିଖିତ ଶବ୍ଦର ଅର୍ଥ ଲେଖନ୍ତୁ—
ସ୍ୱର୍ଗାଦପି, ନଭସ୍ପର୍ଶୀ, ଗରୀୟସୀ, ଜନନୀ, ପୁଷ୍ପ ।

(ଙ) ନିମ୍ନୋକ୍ତ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—
ଆଲୋକ, ବିରାଟ, ସୁନ୍ଦର, ଆପଣାର ।

### ୬.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

(କ) ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖନ୍ତୁ—

ନିଉୟର୍କ ସହରର ମୁଖ୍ୟ ଅଂଶ କେଉଁ ଦ୍ୱୀପ ଉପରେ ଅବସ୍ଥିତ ଓ ସେ ଦ୍ୱୀପ ଚାରି-ପାଖରେ ଥରେ ବୁଲିଆସିଲେ କେତେବାଟ ଅତିକ୍ରମ କରିବାକୁ ପଡେ ?

(ଖ) ଭାବ ସମ୍ପ୍ରସାରଣ କରନ୍ତୁ—
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।

(ଗ) କେଉଁ କେଉଁ ଉପସର୍ଗ ନିମ୍ନଲିଖିତ ଶବ୍ଦମାନଙ୍କରେ ବ୍ୟବହୃତ ହୋଇଛି, ଲେଖନ୍ତୁ ।
ସୁଗନ୍ଧ, ଅଭିମୁଖ, ବିଶାଳ, ପରିପୂର୍ଣ୍ଣ, ଅନୁମାନ, ପ୍ରଚଳନ ।

(ଘ) କେଉଁ କେଉଁ ପ୍ରତ୍ୟୟ ନିମ୍ନଲିଖିତ ଶବ୍ଦରେ ରହିଛି, ଲେଖନ୍ତୁ ।
ଗତି, ଭାରତୀୟ, ଗାନ, ସୃଷ୍ଟି

(ଙ) ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—
ସୁଖ, ଛୋଟ, କୃପଣ, ଦୂର

(ଚ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଏକାର୍ଥବୋଧକ ଶବ୍ଦ ଲେଖନ୍ତୁ—
ରାତି, ଫୁଲ, ନଦୀ, ଗଛ

(ଛ) ପାଠ ଦେଖି ଶୂନ୍ୟସ୍ଥାନ ପୂରଣ କରନ୍ତୁ ।
(କ) ନିଉୟର୍କ ସହରର — ବୁଝିବା ପାଇଁ ପୁଣି ସେଠାକୁ ଫେରି ଆସିବାକୁ ପଡ଼ିଲା । (ମାହାତ୍ମ୍ୟ, ବୈଶିଷ୍ଟ୍ୟ)
(ଖ) ଲଣ୍ଡନ ଅପେକ୍ଷା ନିଉୟର୍କରେ ଗୋଟିଏ ସ୍ଥାନ ଖୋଜି ପାଇବା — । (ସହଜ, କଷ୍ଟ)
(ଗ) ମୁଁ ଭାରତୀୟ ବୋଲି ପରିଚୟ ଦେବାରୁ ସେ — ହେଲେ । (ଖୁସି, ଆଶ୍ୱସ୍ତ)
(ଘ) ସେଇଟା ଆମେରିକା ଗାଡ଼ିର — । (ବିଶେଷତ୍ୱ, ମୌଳିକତା)

(ଜ) ପାଠରେ ବ୍ୟବହୃତ ପାଞ୍ଚଗୋଟି ଇଂରାଜୀ ଶବ୍ଦ ଲେଖ ।

(ଝ) ନିମ୍ନଲିଖିତ ବାକ୍ୟମାନଙ୍କରେ ପଦଗୁଡ଼ିକ ଅସଜଡ଼ା ହୋଇ ରହିଛି, ତାକୁ ସଜାଡ଼ି ଲେଖନ୍ତୁ ।
(କ) ଇତିହାସ ସାହାଯ୍ୟରେ ବୁଝାଇ ଦିଆଯାଏ ଡାକବାଜିଯନ୍ତ୍ର ବିଭିନ୍ନ ସ୍ଥାନର ।
(ଖ) ଅନୁମାନ ସେହି କରିବେ ଜିନିଷ ତୁଳନାରେ ସବୁ ।
(ଗ) ଅନେକ ସହର ଆମେରିକାନ୍ ଲାଗେ ଏକାପରି କାରଣରୁ ଏହି ।

## ୭.୫ ପାଠର ସାରାଂଶ

ଲେଖକ ଶ୍ରୀଯୁକ୍ତ ଧଳ ନିଉୟର୍କ ସହର ଭ୍ରମଣ କାଳରେ ଯେଉଁ ଅନୁଭୂତି ପାଇଥିଲେ ତାର ଚିତ୍ର ଆଲୋଚ୍ୟ ଅଂଶରେ ଦେଖିବାକୁ ମିଳେ । ସେ ଲଣ୍ଡନ ଭ୍ରମଣ କରିଥିଲେ, ତେଣୁ ନିଉୟର୍କ ସହିତ ଲଣ୍ଡନର ତୁଳନା ସେ ଅନେକ କ୍ଷେତ୍ରରେ କରିଛନ୍ତି । ସେ ନିଉୟର୍କର ଅଧିକ ପ୍ରଶଂସା କରିଛନ୍ତି, ପ୍ରଶଂସା କରିଛନ୍ତି ସେଠାରେ ଥିବା କୋଠାବାଡ଼ି ତଥା ପରିବେଶର । କୋଠାବାଡ଼ିର ଉଚ୍ଚତା ତାଙ୍କୁ ମୁଗ୍ଧ କରିଛି, ତାହା ଏତେ ଉଚ୍ଚ ଯେ ଉପର ମହଲା ମେଘ ଉପରେ ରହିଯାଇଥାଏ ବୋଲି ଲେଖକ କହିଛନ୍ତି ।

ହଡ଼ସନ ନଦୀର ଶୋଭା ଲେଖକଙ୍କୁ ଆକୃଷ୍ଟ କରିଛି । ନଦୀର ଏପାରିରେ ବସି ଆରପାରିର ଶୋଭା ଦେଖି ସେ ବିମୁଗ୍ଧ ହୋଇଛନ୍ତି । ରାତିରେ ନିଉୟର୍କର ଦୃଶ୍ୟ ଅତ୍ୟନ୍ତ ରମଣୀୟ । ଚାରିଆଡ଼େ ଆଲୋକର ମହୋତ୍ସବ, ରାତି ସେଠାରେ ଦିନ ପରି ଦିଶେ । ନିଉୟର୍କ ଦର୍ଶନରେ ମନରେ ପ୍ରଶସ୍ତଭାବ ଆସିଥାଏ । ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ସେଠାରେ ଯଥେଷ୍ଟ ସମ୍ପଦର ଅଧିକାରୀ । ସେଠାରେ ଲୋକମାନଙ୍କର ଆତିଥ୍ୟରେ ଲେଖକ ଆନନ୍ଦିତ ହେବା କଥା ଉଲ୍ଲେଖ କରିଛନ୍ତି । ସର୍ବୋପରି ନିଉୟର୍କ ସହର ଭ୍ରମଣ କରି ଲେଖକ ଆତ୍ମସନ୍ତୋଷ ଓ ଆନନ୍ଦ ଅନୁଭବ କରିଛନ୍ତି ।

## ୭.୬ ଶବ୍ଦାର୍ଥ

ମନ୍ଥର—ଧୀର
ଅନନ୍ତ—ସୀମାହୀନ
ରମ୍ୟ—ସୁନ୍ଦର
ବିରାଟ—ବଡ଼
ଜନନୀ—ମାଆ
ସ୍ୱର୍ଗାଦପି—ସ୍ୱର୍ଗଠାରୁ ମଧ୍ୟ

ପୁଷ୍ପ—ଫୁଲ

ନଭସ୍ପର୍ଶୀ—ଆକାଶକୁ ଛୁଇଁଥିବା

## ୭.୭ ପଠନ ଅଭ୍ୟାସ

ନିମ୍ନଲିଖିତ ଅନୁଶୀଳନୀଟି ପାଠକରନ୍ତୁ ଓ ଦିଆଯାଇଥିବା ପ୍ରଶ୍ନମାଳାର ଉତ୍ତର କରନ୍ତୁ ।

ନିଉୟର୍କ ସହରର ବିଶିଷ୍ଟ ଅଂଶ 'ମାନହାଟନ୍' ଦ୍ୱୀପ ଉପରେ ଅବସ୍ଥିତ । ଏକ ପାଖରେ ଇଷ୍ଟ ନଦୀ ଅନ୍ୟ ପାଖରେ ହଡ଼ସନ ନଦୀ । ବିରାଟ ଲୁହାପୋଲ ଦ୍ୱାରା ଏହି ଦ୍ୱୀପ ବାହାର ପୃଥିବୀ ସହିତ ଯୋଡ଼ା ହୋଇଛି । ନଦୀ ଭିତରେ ଛୋଟ ଛୋଟ ଦ୍ୱୀପମାନଙ୍କରେ ସୁନ୍ଦର ଡାକ୍ତରଖାନା, ଦୂତ-ନିବାସ, ଅଫିସ ଓ କଳକାରଖାନା ପ୍ରଭୃତି ଦେଖିବାକୁ ମିଳେ, ଯା ପୃଥିବୀରେ ଅନ୍ୟତ୍ର ବିରଳ । ନିଉ-ୟର୍କରେ କାମ କରୁଥିବା ବଡ଼ଲୋକମାନଙ୍କର ଛୋଟ ଛୋଟ ଜଣକିଆ ଉଡ଼ାଜାହାଜ ଅଛି । ସେମାନେ ତହିଁରେ ମଫସଲରୁ ଉଡିଆସି ନିଉୟର୍କ ସହର ନିକଟରେ ହଡ଼ସନ ନଦୀରେ ପାଣିକୁଆ ପରି ପଡ଼ନ୍ତି, କଚେରି ସରିଲେ ପୁଣି ସେହି ଜାହାଜ ଧରି ନିଜ ସ୍ଥାନକୁ ଫେରିଯାନ୍ତି । ନିଉୟର୍କ ସହରର ଦୋକାନ ବଜାର ନିକଟରେ ପ୍ରାଇଭେଟ ଗାଡ଼ି ଥୋଇବା ଏକ ସମସ୍ୟା ବୋଲି ଲୋକେ ସହର ଭିତରେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ନିଜଗାଡ଼ିରେ ନଯାଇ ସର୍ବସାଧାରଣ ବସ୍‌ରେ ବା ଭଡ଼ା ମଟରରେ ଯାଇଥାନ୍ତି ।

ପ୍ରଶ୍ନ ୧. (କ) ନଦୀ ଭିତରେ ଛୋଟ ଛୋଟ ଦ୍ୱୀପମାନଙ୍କରେ କ'ଣ କ'ଣ ଦେଖିବାକୁ ମିଳେ ?

(ଖ) ନିଉୟର୍କ ସହରର ଏକ ବିଶିଷ୍ଟ ଅଂଶ କେଉଁ ଦ୍ୱୀପ ଉପରେ ଅବସ୍ଥିତ ?

(ଗ) ଲୋକେ ସହର ଭିତରେ କାହିଁକି ସର୍ବସାଧାରଣ ବସ୍‌ରେ ବା ଭଡ଼ା ମଟରରେ ଯାଇଥାନ୍ତି ?

## ୭.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧. (କ) ଲେଖକ ଆମେରିକାର ଗାଡ଼ି ଭିତରର ଚିତ୍ର ପ୍ରଦାନ କରିବାକୁ ଯାଇ କହିଛନ୍ତି ଯେ ଗାଡ଼ି ଭିତରର ବାତାବରଣ ଶାନ୍ତ ଓ ନୀରବ ଥିଲା । ଏତେ ନୀରବତା ଅନୁଭୂତ ହେଉଥିଲା ଯେ ଛୁଞ୍ଚିଟିଏ ପଡ଼ିଲେ ବି ଶୁଭିବ ବୋଲି ମନେ ହେଉଥିଲା । କେବଳ ଖବର କାଗଜ ଲେଉଟାଇବାର ଶବ୍ଦ କେବଳ ଶୁଭୁଥିଲା । ପ୍ରତ୍ୟେକ ଯାତ୍ରୀଙ୍କ ହାତରେ ଖବର କାଗଜ ଥିଲାବୋଲି ଲେଖକ କହିଛନ୍ତି । ଆମେରିକାର ରେଳଯାତ୍ରା ଲେଖକଙ୍କୁ ଆକୃଷ୍ଟ କରିଥିଲା ।

(ଖ) ଆମେରିକା ଗାଡ଼ିର ବିଶେଷତ୍ୱ ହେଉଛି ଏହା ଅତ୍ୟନ୍ତ ବେଗରେ ଗତି କଲେ ମଧ୍ୟ ଯାତ୍ରା କରୁଥିବା ଲୋକକୁ କିଛି ଜଣା ପଡ଼ିବ ନାହିଁ । ଗାଡ଼ି ଚାଲିଛି କି ନାହିଁ ଜାଣିବା କଷ୍ଟକର ବ୍ୟାପାର ।

(କ) ବ୍ୟବହୃତ ଉପସର୍ଗଗୁଡ଼ିକ ହେଉଛି—ଅଭି, ଅନୁ, ବି

(ଖ) ବିପରୀତାର୍ଥବୋଧକ ଶବ୍ଦ ଦିଆଯାଇଛି—ଶେଷ, ମିଛ, ପୁରୁଣା, ଦୁର୍ଯୋଗ, ବଡ଼

(ଗ) ପଦରେ ବ୍ୟବହୃତ ପ୍ରତ୍ୟୟର ନାମ ହେଉଛି—ଗୈ+ଅନ=ଗାନ (କୃଦନ୍ତ ପ୍ରତ୍ୟୟ)

ବିଶେଷ+ତ୍ୱ=ବିଶେଷତ୍ୱ (ତଦ୍ଧିତ ପ୍ରତ୍ୟୟ)

ଚଲ୍+ଅନ୍ତା=ଚଳନ୍ତା (କୃଦନ୍ତ ପ୍ରତ୍ୟୟ)

(ଘ) ରେଳରେ ଚଢ଼ା=ରେଳଚଢ଼ା ସପ୍ତମୀ ତତ୍‌ପୁରୁଷ ସମାସ

ବନ୍ଧୁଙ୍କର ପତ୍ନୀ=ବନ୍ଧୁପତ୍ନୀ ଷଷ୍ଠୀ ତତ୍‌ପୁରୁଷ ସମାସ

### ୭.୩.୧ ଦିଆଯାଇଥିବା ପ୍ରଶ୍ନର ଉତ୍ତର—

୧. (କ) ଆମେରିକାରେ ସହରଗୁଡ଼ିକ ନିର୍ଦ୍ଦିଷ୍ଟ ପ୍ଲାନ ଅନୁସାରେ ନିର୍ମିତ ହୋଇଛି । ପୂର୍ବ ନିର୍ଦ୍ଦିଷ୍ଟ ପ୍ରାୟ ଗୋଟିଏ ପ୍ଲାନରେ ତିଆରି ହୋଇଥିବାରୁ ଅନେକ ଆମେରିକାନ ସହର ଦେଖିବାକୁ ଏକାପରି ଲାଗେ । ସେଠାରେ କୋଠାବାଡ଼ିର ପ୍ଲାନ ସ୍ୱତନ୍ତ୍ର ଧରଣର । କୋଠାବାଡି ସବୁ ବଉଦର ଛାତି ଫୁଟେଇ ଆକାଶକୁ ଛୁଇଁଥାନ୍ତି ।

(ଖ) ଇଉନାଇଟେଡ୍ ନେସନସ୍‌ର କୋଠା ହଡସନ ନଦୀ କୂଳରେ ଅବସ୍ଥିତ । ଏହା ଚାଳିଶ ମହଲା ବିଶିଷ୍ଟ । ଭିତରେ ଲୁହା ଓ ଉପରେ କାଚ ଦିଆଯାଇଛି । ଏହି କୋଠା ଅତ୍ୟନ୍ତ ଆକର୍ଷଣୀୟ

ହୋଇଛି । ଏହି କୋଠାଟି ଏପରି ପ୍ଲାନରେ ନିର୍ମିତ ହୋଇଛି ଯେ ଦରକାର ପଡ଼ିଲେ ଗୋଟିଏ କୋଠରି ଭାଙ୍ଗି ପାଞ୍ଚଟି କୋଠରି କରିହେବ ଓ ପାଞ୍ଚଟି କୋଠରି ଭାଙ୍ଗି ଗୋଟିଏ କୋଠରି କରିହେବ ।

ସମାସ

(କ) ବିଶ୍ୱର ଭବ=ବିଶ୍ୱଭବ—ଷଷ୍ଠୀ ତତ୍ପୁରୁଷ
କୋଠା ଓ ବାଡ଼ି=କୋଠାବାଡ଼ି—ଦ୍ୱନ୍ଦ୍ୱ ସମାସ
ନଭକୁ ଚୁମ୍ବିଛି ଯେ ସେ=ନଭଶ୍ଚୁମ୍ବୀ—ଉପପଦ ତତ୍ପୁରୁଷ ସମାସ
ନ ଅନ୍ତ=ଅନନ୍ତ—ନଞ୍ ତତ୍ପୁରୁଷ ସମାସ

ବ୍ୟବହୃତ ଉପସର୍ଗ

(ଖ) ସୁ, ଅନୁ, ପ୍ର, ପରି

ଏକକବୋଧକ ଶବ୍ଦ

(ଗ) ଆକାଶ=ଗଗନ, ନଭ, ଅଭ୍ର, ଅମ୍ବର
ନଦୀ=ସରିତ୍, କଲ୍ଲୋଳିନୀ, ତରଙ୍ଗିଣୀ
ସୂର୍ଯ୍ୟ=ଦିବାକର, ଭାସ୍କର, ଦିନମଣି, ଭାନୁ
ଚନ୍ଦ୍ର=ଶଶୀ, କୁମୁଦବନ୍ଧୁ, ଶଶାଙ୍କ, ଇନ୍ଦୁ

(ଘ) ବିପରୀତାର୍ଥବୋଧକ ଶବ୍ଦ
ବିରାଟ—କ୍ଷୁଦ୍ର
ଅନନ୍ତ—ସାନ୍ତ
ମୂଲ୍ୟବାନ୍—ମୂଲ୍ୟହୀନ
ସ୍ଥାୟୀ—ଅସ୍ଥାୟୀ

**୬.୪.୧ର ପ୍ରଶ୍ନର ଉତ୍ତର ଦେଖନ୍ତୁ—**

୧. (କ) ନିଉୟର୍କ ସହର ନିର୍ଦ୍ଦିଷ୍ଟ ପ୍ଲାନ ଅନୁସାରେ ତିଆରି ହୋଇଛି । ଦୋକାନବଜାର ଆଗରେ ବା ପାଖରେ ଗାଡ଼ି ରଖିବା ପାଇଁ କିଛି ସୁବିଧା ନ ଥିବାରୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବା ପାଇଁ ଲୋକେ ସାଧାରଣତଃ ସର୍ବସାଧାରଣ ବସ୍ କିମ୍ବା ଭଡ଼ାମଟରରେ ଯାଇଥାନ୍ତି ।

(ଖ) ରାତିରେ ହଡସନ ନଦୀ ଧାରରେ ବସି ଦେଖିଲେ ନଦୀ ଆରପାରିର ଦୃଶ୍ୟ ଅତ୍ୟନ୍ତ ରମଣୀୟ । ସେପାରିର ନୀଳ ପାହାଡ଼ ଭିତରେ ଲକ୍ଷେ କୋଠରିର ଆଲୁଅ ବେଶ୍ ଚମତ୍କାର ଦିଶୁଥାଏ । ଏହି ଦୃଶ୍ୟ ଭୁଲିବାର ନୁହେଁ, ଏହା ଯେତିକି ବିରାଟ, ସେତିକି ଆକର୍ଷଣୀୟ ।

(ଗ) ନିଉୟର୍କର ରାତ୍ରିର ଶୋଭା ଅତ୍ୟନ୍ତ ହୃଦୟସ୍ପର୍ଶୀ । ରାତିର ଅନ୍ଧାର ସେଠାରେ ପ୍ରାୟ ନଥାଏ । ଇଲେକ୍ଟ୍ରିକ୍ ଆଲୁଅରେ ସେ ଅନ୍ଧାର ଅପସରି ଯାଇଥାଏ । ରାତି ସେଠାରେ ଦିନ ପରି ଦିଶେ । ଉଚ୍ଚ କୋଠାର ଶେଷ ମହଲାର ଆଲୁଅ ସରଗ ତାରା ପରି ଦେଖାଯାନ୍ତି ।

**୬.୪.୨ର ପ୍ରଶ୍ନର ଉତ୍ତର**

(କ) ସମାସ—
ପତ୍ର ଓ ପୁଷ୍ପ=ପତ୍ରପୁଷ୍ପ—ଦ୍ୱନ୍ଦ୍ୱ ସମାସ
ସରଗର ତାରା=ସରଗତାରା—ଷଷ୍ଠୀ ତତ୍ପୁରୁଷ ସମାସ
ନୀଳ ଅଟେ ପାହାଡ଼=ନୀଳପାହାଡ଼—ଉପପଦ ତତ୍ପୁରୁଷ ସମାସ

(ଖ) ବିଶାଳ+ତା=ବିଶାଳତା—ତଦ୍ଧିତ ପ୍ରତ୍ୟୟ
ଦୃଶ୍+ଯ=ଦୃଶ୍ୟ—କୃଦନ୍ତ ପ୍ରତ୍ୟୟ

(ଗ) ସନ୍ଧିବିଚ୍ଛେଦ
ସ୍ୱର୍ଗାତ୍+ଅପି=ସ୍ୱର୍ଗାଦପି
ଉତ୍+ଛିନ୍ନ=ଉଚ୍ଛିନ୍ନ

(ଘ) ସ୍ୱର୍ଗାଦପି—ସ୍ୱର୍ଗଠାରୁ ବଡ଼
ନଭଶ୍ଚୁମ୍ବୀ—ଆକାଶକୁ ଛୁଇଁ ଥିବା
ଗରୀୟସୀ—ବଡ଼ (ସ୍ତ୍ରୀ), ମହୀୟସୀ
ଜନନୀ—ମାଆ
ପୁଷ୍ପ—ଫୁଲ

(ଙ) ବିପରୀତାର୍ଥବୋଧକ ଶବ୍ଦ :
ଆଲୋକ—ଅନ୍ଧକାର

ବିରାଟ—କ୍ଷୁଦ୍ର
ସୁନ୍ଦର—ଅସୁନ୍ଦର
ଆପଣାର—ପର

**୬.୪.୩ ପ୍ରଶ୍ନର ଉତ୍ତର—**

(କ) ମାନହାଟନ ଦ୍ୱୀପ ଉପରେ ନିଉୟର୍କ ସହରର ମୁଖ୍ୟ ଅଂଶ ଅବସ୍ଥିତ । ଏହି ଦ୍ୱୀପର ଗୋଟିଏ ପାଖରେ ଇଷ୍ଟ ନଦୀ ଓ ଅନ୍ୟ ପାଖରେ ହଡସନ୍ ନଦୀ ପ୍ରବାହିତ । ବାହାର ଦୁନିଆ ସହିତ ଏହି ଦ୍ୱୀପଟି ଗୋଟିଏ ଲୁହାପୋଲ ଦ୍ୱାରା ସଂଯୁକ୍ତ ହୋଇଛି । ଏହି ଦ୍ୱୀପ ଚାରିପାଖରେ ବୁଲିଆସିବାକୁ ପଇଁତିରିଶ ମାଇଲ ବାଟ ଅତିକ୍ରମ କରିବାକୁ ପଡେ ।

(ଖ) ଭାବ ସମ୍ପ୍ରସାରଣ :

ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ

ଉକ୍ତ ଗଦ୍ୟାଂଶଟି ମୂଳପାଠରେ ସନ୍ନିବେଶିତ ହୋଇଛି । ଏଠାରେ ଜନ୍ମଭୂମି ଓ ଜନନୀ ଉଭୟଙ୍କୁ ସ୍ୱର୍ଗଠାରୁ ବଡ ବୋଲି ବିଚାର କରାଯାଇଛି । ଏହା ସଂସ୍କୃତ ବାଲ୍ମୀକି ରାମାୟଣର ଅତି ପରିଚିତ ଓ ପ୍ରତିଷ୍ଠିତ ଏକ ଉକ୍ତି । ଜନ୍ମଭୂମିର ମହତ୍ତ୍ୱ ପ୍ରତିପାଦନ ପାଇଁ ଏହି ଉକ୍ତିଟିର ଉପସ୍ଥାପନା କରାଯାଇଛି । ଜନନୀ ହେଉଛି ସବୁଠାରୁ ଅଧିକ ସମ୍ମାନନୀୟା । ଜନନୀର ସ୍ନେହ ଅସୀମ, କରୁଣା ଅଶେଷ । ସେ ସର୍ବଂ ସହା, କ୍ଷମାଦାତ୍ରୀ, ମମତାର ମୂର୍ତ୍ତିମତୀ ଦେବୀ । ସନ୍ତାନ ପ୍ରତି କରୁଣା ସ୍ନିଗ୍ଧ ତାର ହୃଦୟ । ନିର୍ମଳ ଆନ୍ତରିକତାର ପବିତ୍ର ପ୍ରବାହ ତାର ହୃଦୟରେ ପ୍ରବାହିତ ହେଉଥାଏ । ସନ୍ତାନର ସୁଖ ଦୁଃଖରେ ସେ ସମଭାଗୀ ହୋଇଥାଏ । ସନ୍ତାନର କଲ୍ୟାଣ ତାର ଏକମାତ୍ର କାମନା । ଜନ୍ମଭୂମିର ମହତ୍ତ୍ୱ ମଧ୍ୟ ଅପରିସୀମ । ତାରି ବକ୍ଷରେ ପାଦ ଦେଇ ଆମେ ଚାଲିବା ଶିଖୁ । ସେ ଆମର ବହୁ ଅର୍ଦ୍ଦଳି ସହେ । ଆମର ସର୍ବାଙ୍ଗୀନ ବିକାଶ ନିମନ୍ତେ ଯାହା ଆବଶ୍ୟକ ସେ ସବୁ ଜନ୍ମଭୂମିଠାରୁ ଆମେ ପାଉ । ସେ ମମତାମୟୀ, ସ୍ନେହମୟୀ ଦେବୀ । ଜନ୍ମଭୂମି ହେଉଛନ୍ତି ଜୀବନ୍ତ ଦେବୀ, ମାଟି, ଧୂଳି ଗୋଡିରେ ଗଢା ଏକ ଜଡପିଣ୍ଡ ନୁହନ୍ତି । ଜନ୍ମଭୂମିର ପାଦ ପୂଜାରେ ସନ୍ତାନର ଜୀବନ ସାର୍ଥକ ହୁଏ । ଜନ୍ମଭୂମିର ସେବା-କାର୍ଯ୍ୟରେ ଲାଗିଲେ ଜୀବନ ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ ହୁଏ ।

(ଗ) ସୁ, ଅଭି, ବି, ପରି, ଅନୁ, ପ୍ର ଆଦି ଉପସର୍ଗ ବ୍ୟବହୃତ ହୋଇଛି ।

(ଘ) ଗମ୍+କ୍ତିନ୍=ଗତି (କୃଦନ୍ତ ପ୍ରତ୍ୟୟ)
ଭାରତ+ଈୟ=ଭାରତୀୟ (ତଦ୍ଧିତ ପ୍ରତ୍ୟୟ)
ଗୈ+ଅନ=ଗାନ (କୃଦନ୍ତ ପ୍ରତ୍ୟୟ)
ସ୍ଥା+କ୍ତିନ୍=ସ୍ଥିତି (କୃଦନ୍ତ ପ୍ରତ୍ୟୟ)

(ଙ) ବିପରୀତବୋଧକ ଶବ୍ଦ
ସୁଖ—ଦୁଃଖ
ଛୋଟ—ବଡ
କୃପଣ—ବଦାନ୍ୟ
ଦୂର—ନିକଟ

(ଚ) ରାତି—ନିଶା, ତ୍ରିଯାମା, ରଜନୀ, ଶର୍ବରୀ, ବିଭାବରୀ
ଫୁଲ—ପୁଷ୍ପ, କୁସୁମ, ସୁମନ, ପ୍ରସୂନ
ନଦୀ—ସରିତ, ତଟିନୀ, ନିମ୍ନଗା, ସ୍ରୋତସ୍ୱିନୀ
ଗଛ—ପାଦପ, ବୃକ୍ଷ, ମହୀରୁହ

(ଛ) ୧. ନିଉୟର୍କ ସହରର ମାହାତ୍ମ୍ୟ ବୁଝିବା ପାଇଁ ପୁଣି ସେଠାକୁ ଫେରିଆସିବାକୁ ପଡିଲା ।
୨. ଲଣ୍ଡନ ଅପେକ୍ଷା ନିଉୟର୍କରେ ଗୋଟିଏ ସ୍ଥାନ ଖୋଜି ପାଇବା ସହଜ ।
୩. ମୁଁ ଭାରତୀୟ ବୋଲି ପରିଚୟ ଦେବାରୁ ସେ ଆଶ୍ୱସ୍ତ ହେଲେ ।
୪. ସେଇଟା ଆମେରିକା ଗାଡିର ବିଶେଷତ୍ୱ ।

(ଜ) ବ୍ଲାକବୋର୍ଡ, ପ୍ଲାନ, ପ୍ରାଇଭେଟ, ଷ୍ଟ୍ରିଟ, ଷ୍ଟାଇଲ

(ଝ) ୧. ଡାକବାକ୍ସି ଯନ୍ତ୍ର ସାହାଯ୍ୟରେ ବିଭିନ୍ନ ସ୍ଥାନର ଇତିହାସ ବୁଝାଇ ଦିଆଯାଏ ।
୨. ସେହି ତୁଳନାରେ ସବୁ ଜିନିଷ ଅନୁମାନ କରିବେ ।
୩. ଏହି କାରଣରୁ ଅନେକ ଆମେରିକାନ୍ ସହର ଏକାପରି ଲାଗେ ।

## ୬.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

(କ) ନିମ୍ନଲିଖିତ ଶବ୍ଦରେ କେଉଁ କେଉଁ ଉପସର୍ଗ ରହିଛି ଉଲ୍ଲେଖ କରନ୍ତୁ ।
ଅପମାନ, ପରାଜୟ, ଦୁର୍ଗତି, ପରିଶ୍ରମ, ସୁଲଭ, ଅଭିଯାନ

(ଖ) ନିମ୍ନୋକ୍ତ ପଦମାନଙ୍କରେ କେଉଁ ସମାସ ରହିଛି ଲେଖନ୍ତୁ ।
ଅକ୍ଷର, ହାଣ୍ଡିରନ୍ଧା, ଦିନରାତି

(ଗ) ନିମ୍ନଲିଖିତ ପଦମାନଙ୍କରେ କେଉଁ ସନ୍ଧି ହୋଇଛି ?
ଜଗନ୍ନାଥ, ଭାଷାତୀତ, ନମସ୍କାର, ନୀରବ, ଉନ୍ନତ

(ଘ) ନିମ୍ନଲିଖିତ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ ।
ସମାନ, ନୂଆ, ଉଚ୍ଚ, ସୁନ୍ଦର, କୋମଳ, ସୁବିଧା

(ଙ) କେତେକ ବାକ୍ୟ ପାଠରୁ ଦିଆଯାଇଛି । ସେଥିରେ ଥିବା ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(୧) ବିରାଟ ଲୁହା ପୋଲ ଦ୍ୱାରା ଏହି ଦ୍ୱୀପ ବାହାର ପୃଥିବୀ ସଙ୍ଗେ — ହୋଇଛି ।

(୨) ମା'ର ଡାକ, ମାଟିର ଡାକ — ବାଜିଲାଣି ।

(୩) ନିଉୟର୍କ ସହରର ବିଶିଷ୍ଟ ଅଂଶ — ଦ୍ୱୀପ ଉପରେ ଅବସ୍ଥିତ ।

(୪) ସେଇ ଦେଶରେ କୋଠାବାଡ଼ି — ଛାତି ଫୁଟାଇ ଆକାଶକୁ ଲାଗିଆନ୍ତି ।

(ଚ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କରନ୍ତୁ ।

(୧) ଆମେରିକାରେ ପ୍ରଶ୍ନର ପ୍ରଣାଳୀ କିପରି ରହିଛି ?

(୨) ପ୍ୟାରିସର ରାସ୍ତା ମଝିରେ କ'ଣ ସବୁ ଥାଏ ?